# ବନ୍ୟା ପରିସ୍ଥିତି ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ



ମାଲକାନଗିରି, ୨୩/୭(ଶ୍ରୁ.ମି) ଦକ୍ଷିଣାଞ୍ଚଳ ରାଜସ୍ ଆୟୁକ୍ତ ଆର.ଏସ୍ ଗୋପାଳନ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାଲକାନଗିରି ଜିଲ୍ଲାର ବନ୍ୟା ପରିସ୍ଥିତି ମୁକାବିଲା ନେଇ ପ୍ରସ୍ତୁତି ଉପରେ ସମୀକ୍ଷା କରିଛନ୍ତି। ଶ୍ରୀ ଗୋପାଳନ ସମ୍ପ୍ରତି ପରିସ୍ଥିତିରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ଉପରେ ଜିଲ୍ଲାପାଳ ସଚିନ ପାୱାର ଆରଡିସିଙ୍କୁ ଅବଗତ କରାଇଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ହୋଇଥିବା ଜନସାଧାରଣଙ୍କ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ବ୍ୟବସ୍ଥା କରିବା ନିମନ୍ତେ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ଜୀବନଜୀବିକା ସ୍ୱାଭାବିକ ହେବା ନିମନ୍ତେ ଯୋଗାଯୋଗ ଓ ଯାତାୟାତ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି। ଜଳବନ୍ଦୀ ଅଞ୍ଚଳରେ ଜଳ ନିଷ୍କାସନ ସହ ଆରଡବ୍ଲୁଏସଏସ ବିଭାଗକୁ ନଷ୍ଟ ହୋଇଥିବା ନଳକୂପ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଅଞ୍ଚଳରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନୁରୂପ ଭାବେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ପର୍ଯ୍ୟାପ୍ତ ଔଷଧର ଉପଲବ୍ଧତା ସହ ଡ଼ାକ୍ତର ଓ କର୍ମଚାରୀଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଋତୁରେ ସର୍ପ ଦଂଶନର ଆଶଙ୍କା ଅଧିକ ଥିବା ହେତୁ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କର ପରିଷ୍କାର ଓ ପରିଚ୍ଛନ୍ନତା, ସ୍ୱଚ୍ଛ ପାନୀୟ ଜଳ, ଶତ ପ୍ରତିଶତ ବିଜୁଳି ସେବା, ଅଙ୍ଗନୱାଡ଼ି କେନ୍ଦ୍ରରେ ଶୃଙ୍ଖଳା ରାସନ ଓ ଆଶ୍ରମ ବିଦ୍ୟାଳୟରେ ଶୃଙ୍ଖଳା ରାସନ ସୁନିଶ୍ଚିତ ପାଇଁ କୁହାଯାଇଛି। ଏହିଭଳି ପରିସ୍ଥିତିରେ ସାଧାରଣ ଜନତାଙ୍କ ସହ ବିନମ୍ରତାର ସହ ବ୍ୟବହାର କରି ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ ପାଇଁ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି। ଆରଡିସିଙ୍କ ନିର୍ଦ୍ଦେଶ ପ୍ରକାରେ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲାପାଳ ବୈଠକରେ ଜଣାଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ପରିସ୍ଥିତିର ମୁକାବିଲା ପାଇଁ ସାତଟି ବ୍ଲକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ସେହିପରି ଆନ୍ଧ୍ରପ୍ରଦେଶର ଜଳ ସମ୍ପଦ ବିଭାଗ ସହ ଯୋଗାଯୋଗ ରଖାଯାଇଛି ଏବଂ ସ୍ଥିତି ପର୍ଯ୍ୟବେକ୍ଷଣ କରାଯାଉଛି। ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ଉନ୍ନତି ଆସିଛି ଏବଂ ପ୍ରଶାସନ ଏଥିପ୍ରତି ପୂର୍ଣ୍ଣ ସଜାଗ ଥିବା କଥା ଜିଲ୍ଲାପାଳ ପ୍ରକାଶ କରିଛନ୍ତି।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଉପ ଜିଲ୍ଲାପାଳଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ସମ୍ପଦ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଶେଷ ଜୀବନ ସାଥୀ ପକ୍ଷରୁ ସମ୍ମାନର ସହ ଶବସତ୍କାର



ବଅଁରପାଳ, ୨୩ / ୭ ( ଶ୍ରୁ.ମି ) :ବଅଁରପାଳ ବ୍ଲକ ଅନ୍ତର୍ଗତ ବନ୍ଦା ଗ୍ରାମର ଶେଷ ଜୀବନ ସାଥୀ ପକ୍ଷରୁ ସମ୍ମାନର ସହ ଶବଦାହ କରାଯାଇଛି । ବଳରାମ ପ୍ରସାଦ ବସଲା ସାହିରେ ପ୍ରାୟ ୨୫ବର୍ଷ ହେବ ଢେଙ୍କାନାଳ ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ଗ୍ରାମର ହିନ ଦାସ ଓ ତାଙ୍କ ପତ୍ନୀ ରଜନୀ ଦାସ ରହି ଆସୁଛନ୍ତି । ଦୁଃଖର ବିଷୟ ଦୁଇ ପ୍ରାଣୀଙ୍କର୍ କୌଣସି ସନ୍ତାନ ସନ୍ତତି ନାହାନ୍ତି । ହିନ ଦାସ ଏକ ଘରୋଇ କମ୍ପାନୀରେ ସିକୁରିଟି ଭାବେ କାମ କରୁଥିଲେ । ଭାଗ୍ୟର ବିଡମ୍ବନା ୨ବର୍ଷ ପୂର୍ବରୁ ନିଜ କାର୍ଯ୍ୟ ସ୍ଥଳୀକୁ ଯାଉଥିବା ସମୟରେ ଏକ ଗାଡ଼ି ଧକ୍କା ଦେଇଥିଲା । ଯାହାଫଳରେ ଏକ ଗୋଡ଼ କୁ ମଧ୍ୟ ହରାଇ ବାକୁ ପଡ଼ିଥିଲା । ତେଣୁ ସେ ଅକ୍ଷମ ହୋଇ ଯାଇଥିଲେ ଯ ୭୦ ବର୍ଷ ବୟସରେ ହିନ ଦାସ ଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ , ଶବଦାହ କରିବା ପାଇଁ କେହି ପାଖରେ ନ ଥିଲେ । ଏ ଖବର ପାଇ ଟି .ଏମ. ଏସ୍. ର ଡଃ ସୌଦାମିନୀ ଚୌଧୁରୀ ସଙ୍ଗେ ସଙ୍ଗେ ସାମ୍ବାଦିକ ସୁଧାକର ସାହୁ, ସମାଜ ସେବୀ ଚିନ୍ମୟୀ ଦାସ ଓ ବନ୍ଦା ଗ୍ରାମରେ ଥିବା ଶେଷ ଜୀବନ ସାଥି ସଂଗଠନ କୁ ଜଣାଇ ଥିଲେ । ଶେଷ ଜୀବନ ସାଥି ର ସମସ୍ତ ସଦସ୍ୟ କାଠ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ହିନ ଦାସ ଙ୍କ ଶବକୁ ସମ୍ମାନର ସହ ଅମାନ୍ତପୁରୁ ର ସ୍ମଶାନରେ ଦାହ କରିବା ସହ କିଭଳି ଭାବେ ହିନ ଦାସ ଙ୍କ ପତ୍ନୀ ରଜନୀ ଦାସ ସମସ୍ତ ସରକାରୀ ସହାୟତା ପାଇ ପାରିବେ ପ୍ରଶାସନ କୁ ନିବେଦନ କରିଛନ୍ତି ।

# ରାଜିତା ନେତା ଅଶୋକ ପଣ୍ଡାଙ୍କ ପ୍ରକଳ୍ପ ଉଦ୍‌ଘାଟନ ଜନ ବିରୋଧୀ ଓ ସମ୍ବିଧାନର ବିରୁଦ୍ଧାଚରଣ: ଦିଲୀପ ମଲ୍ଲିକ



ଭୁବନେଶ୍ୱର,.୨୩/୭ (ଶ୍ରୁମି.) : ଓଡ଼ିଶାବାସୀଙ୍କ ଆଶୀର୍ବାଦରୁ ଭାରତୀୟ ଜନତା ପାର୍ଟି ଆଜି ସରକାର ଗଠନ କରିଛି। ବିଜେଡି ହାରିଯାଇଥିଲେ ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରୁନାହିଁ। ଲୋକେ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ମଧ୍ୟ ସେ କ୍ଷମତାରେ ରହିଛି ବୋଲି ମନେ ମନେ ଭାବୁଛି। ଏହାର ଉଦାହରଣ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ଏହି ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀସାଗରଠାରେ ଏକ ସ୍ମଶାନ ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ୨୧ ତାରିଖରେ ଥିଲା। ଏଥିପାଇଁ ସରକାରଙ୍କ ତରଫରୁ ୬୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏହି ପ୍ରକଳ୍ପକୁ ନଗଦ ନିର୍ବାଚନରେ ପରାଜିତ ହୋଇଥିବା ବିଜେଡି ନେତା ଶ୍ରୀ ଅଶୋକ ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏପରିକି ଫଳକରେ ମୁଖ୍ୟ ଅତିଥିଭାବେ ତାଙ୍କ ନାମ ମଧ୍ୟ ରହିଛି। ଏହା ଜନ ବିରୋଧୀ ଓ ସମ୍ବିଧାନର ବିରୁଦ୍ଧାଚରଣ କରୁଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟପାତ୍ର ଶ୍ରୀ ଦିଲୀପ ମଲ୍ଲିକ କହିଛନ୍ତି। ଶ୍ରୀ ମଲ୍ଲିକ କହିଛନ୍ତି ଯେ, ବିଜୁ ଜନତା ଦଳ ଏବେ ବି କ୍ଷମତା ଲୋଭରେ ରହିଛି। ସାଧାରଣ ନିର୍ବାଚନରେ ପରାଜିତ ହେବା ପରେ ବି କ୍ଷମତା ଅହଂକାରରେ ବୁଡ଼ି ରହିଛି। ଜଣେ ପରାଜିତ ନେତାଙ୍କ ଦ୍ୱାରା ପ୍ରକଳ୍ପ ଉଦ୍‌ଘାଟନ କରାଯିବା ସମ୍ବିଧାନର ବିରୁଦ୍ଧାଚରଣ କରୁଛି। ଯେଉଁମାନେ ଶ୍ରୀ ପଣ୍ଡାଙ୍କୁ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଡାକିଥିଲେ ସେମାନଙ୍କୁ କିପରି ଲଜ୍ଜ୍ୟା ଲାଗିଲା ନାହିଁ। ସେହିପରି ଶ୍ରୀ ପଣ୍ଡା ନିର୍ବାଚନରେ ହାରିବା ସତ୍ତ୍ୱେ ଏକ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ନବୀନ ପଟ୍ଟନାୟକ ଓ ତାଙ୍କ ନେତାମାନେ ଅଂହକାରରେ ବୁଡ଼ି ରହିଛନ୍ତି। ୨୪ ବର୍ଷ ସରକାରରେ ଥିବା ବିଜେଡିର ନେତା ଶ୍ରୀ ପଣ୍ଡାଙ୍କୁ ସରକାରୀ ନିୟମ ନିଶ୍ଚୟ ଜଣାଥିବ। ପ୍ରକଳ୍ପର ଯେତେବେଳେ ଉଦ୍‌ଘାଟନ ହୁଏ ବା ଶିଳାନ୍ୟାସ ହୁଏ ତା'ର ସ୍ୱତନ୍ତ୍ର ବିଧିବିଧାନ ରହିଛି। ଏହାକୁ ଜଣେ ନିର୍ବାଚିତ ପ୍ରତିନିଧି ଉଦ୍‌ଘାଟନ କରିବା କଥା। ମାତ୍ର ପଣ୍ଡା କୌଣସି ନିର୍ବାଚିତ ପ୍ରତିନିଧି ନ ହୋଇ ପ୍ରକଳ୍ପ ଉଦ୍‌ଘାଟନ କରି ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରିଛନ୍ତି। ଉକ୍ତ ପ୍ରକଳ୍ପକୁ ଯେଉଁଭଳି ଭାବେ ଉଦ୍‌ଘାଟନ କରାଯାଇଛି, ତାହା ବିଜୁ ଜନତା ଦଳର କାର୍ଯ୍ୟକ୍ରମ ଭଳି ଲାଗୁଛି। ସରକାରୀ ପ୍ରକଳ୍ପ ଉଦ୍‌ଘାଟନ ସମୟରେ ଯେଉଁ ବ୍ୟାନର ଲଗାଯାଇଛି ତାହା ବିଜୁ ଜନତା ଦଳର ଦଳୀୟ କାର୍ଯ୍ୟକ୍ରମ ଭଳି ଲାଗୁଛି। ବ୍ୟାନରରେ ନବୀନ ବାବୁଙ୍କ ଫଟୋ ରହିବା ଆଉ ଏକ ହାସ୍ୟାସ୍ପଦ ଘଟଣା।

# ଲଗାଣ ବର୍ଷା ଜନିତ କ୍ଷୟକ୍ଷତି ଆକଳନ ନେଇ ପିଆରଆଇ ସଦସ୍ୟଙ୍କ ସହ ଆଲୋଚନା କଲେ ଜିଲ୍ଲାପାଳ




ମାଲକାନଗିରି, ୨୩/୭(ଶ୍ରୁ.ମି) ମାଲକାନଗିରି ଜିଲ୍ଲାର ଲଗାଣ ବର୍ଷା ପ୍ରଭାବିତ ଅଞ୍ଚଳବାସୀଙ୍କ ସହାୟତା ନିମନ୍ତେ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲାର ସାତଟି ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟଙ୍କ ସହ ଲଗାଣ ବର୍ଷା ଜନିତ କ୍ଷୟକ୍ଷତି ଆକଳନ ନେଇ ଜିଲ୍ଲାପାଳ ସଚିନ ପାୱାର ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିଛନ୍ତିଯପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଅଞ୍ଚଳରେ ରାସ୍ତାଘାଟ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ଯାତାୟାତ ଓ ଯୋଗାଯୋଗ ସ୍ୱାଭାବିକ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଲଗାଣ ବର୍ଷା ଯୋଗୁଁ ବାସଗୃହ ପ୍ରଭାବିତ ହୋଇଥିବା ବ୍ୟକ୍ତି ଓ ଶସ୍ୟ ନଷ୍ଟ ହୋଇଥିବା ଚାଷୀମାନଙ୍କର ମିଳିତ ତଦନ୍ତ କରି କ୍ଷୟକ୍ଷତି ଭରଣା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଅଧିକ ବର୍ଷା ଜଳ ପ୍ଲାବିତ ଅଞ୍ଚଳରେ ଜଳ ଅପସାରଣ ପରେ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ସମସ୍ତ ଜନ ପ୍ରତିନିଧିଙ୍କୁ ଜିଲ୍ଲାପାଳ ଆଶ୍ୱାସନା ଦେଇଛନ୍ତିଯଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ରାସ୍ତା ଓ କୋଠାବାଡ଼ି ଅଧିକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରା, ରାସ୍ତା ଓ କୋଠାବାଡ଼ି-୨ ନିର୍ବାହୀ ଯନ୍ତ୍ରୀ ଜୟ ନାରାୟଣ ଗୌଡ ଓ ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ରଙ୍କ ସମେତ ସାତ ଗୋଟି ବ୍ଲକର ବିଡିଓ ଉପସ୍ଥିତ ଥିଲେ।

# ଉପଖଣ୍ଡ ଚିକିତ୍ସାଳୟରେ ବନ ମୋହତ୍ସବ ପାଳିତ



ଚମ୍ପୁଆ, ୨୩।୭(ସମିସ):ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଠାରେ ବନମୋହତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ବନମୋହତ୍ସବରେ ଅଇଏଫଏସ କେ ନାଗାରାଜୁ, ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ, ଏସିଏଫ ଅକ୍ଷୟ ଛତ୍ରିଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଚିକିତ୍ସାଳୟ ପରିଶରରେ ବୃକ୍ଷ ରୋପଣ କରିବା ସହିତ ବୃକ୍ଷ ହିଁ ଜୀବନର ସାରମର୍ମକୁ ଅଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସୁନାରାମ ମୁର୍ମୁ, ଡାକ୍ତର ସୁଜିତ କୁମାର ଲେଙ୍କା, ବନପାଳ ନଗେନ୍ଦ୍ର ଜେନା ଓ ଡାକ୍ତଖାନାର କର୍ମଚାରୀ ମାନେ ମିଳିତ ଭାବେ ବିଭିନ୍ନ ଉପାଦେୟ ବୃକ୍ଷ ରୋପଣ କରିଥିଲେ।

# ମା ଲକ୍ଷ୍ମୀପୀଠରେ ବୃକ୍ଷରୋପଣ କରି ଜନ୍ମ ଦିନ ପାଳନ

କୋରେଇ, ୨୩।୭ (ଶ୍ରୁମି.) : - ବିଭିନ୍ନ ପର୍ବ ପର୍ବାଣୀ ସ ଉତ୍ସବ କିଏ କିପରି ଭାବେ ପାଳନ କରିଥାଏ । ପାଣିକୋଇଲି ଗ୍ରାମର ଦେବଦତ ରାୟ ଓ ଗାୟତ୍ରୀ ରାୟଙ୍କ ବଡପୁଅ ଦିପ୍ତିରଂଜନ ( ସୋନୁ) ନିଆରା ଢଂଗରେ ତାଙ୍କ ଷୋଡଶ ବାର୍ଷିକ ସତ୍ୟନାରାୟଣ ପୂଜା ଅବସରରେ ପାଳା ସହିତ ବୃକ୍ଷରୋପଣ କରି ନିଆରା ଢଂଗରେ ଏହି ଉତ୍ସବ ପାଳନ କରିଛନ୍ତି । ପାଣିକୋଇଲି (ଅଳତିରି) ମା ଲକ୍ଷ୍ମୀପୀଠ ପରିସରରେ ଜନ୍ମ ଦିନ ଅବସରରେ ଗଛ ଲଗାଇ ଏହାକୁ ପାଳନ କରିବା ସହ ସନ୍ଧ୍ୟାରେ ପାଲା ପରିବେଷଣ କରାଯାଇଛି । ଓଡିଶାର ସୁନାମଧନ୍ୟ ଗାୟିକା ଉର୍ମିଳା ସାହୁଙ୍କ ଦ୍ୱାରା ପୀଠ ପରିସରରେ ପାଲା ପରିବେଷଣ ସହ ପରିବାର ଲୋକ, ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଗହଣରେ ଏହା ପାଳନ କରାଯାଇଛି ।

# ସାମ୍ବାଦିକ ରାଜୀବ ଲୋଚନ ଦାସଙ୍କ ଭାତୃ ବିୟୋଗ



ମୁନିଗୁଡ଼ା: ୨୩।୭ (ଶ୍ରୁମି.) : ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ରାଜୀବ ଲୋଚନ ଦାସଙ୍କ ସାନ ଭାଇ ରାଇକିଶୋର ଦାସ(ବୁନୁ)ଙ୍କ ଅକାଳ ବିୟୋଗ ଆଜି ମଧ୍ୟାହ୍ନରେ ଭୁବନେଶ୍ୱରସ୍ଥିତ ସମ ହସ୍ପିଟାଲରେ ହୋଇଯାଇଛି। ରାଇକିଶୋର ଦୀର୍ଘ ଦିନ ହେବ ସ୍ନାୟୁ ଓ କିଡ଼ିନ ରୋଗରେ ପୀଡିତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ପରିବାର ତରଫରୁ ବହୁ ଉଦ୍ୟମ ଓ ଚିକିତ୍ସକ ମାନଙ୍କ ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କ ବଞ୍ଚାଇ ରଖିବା ସମ୍ଭବ ହୋଇନଥିଲା। ମୃତ୍ୟୁ ବେଳକୁ ରାଇକିଶୋରଙ୍କୁ ମାତ୍ର ୫୨ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ରାଇକିଶୋର ମୁନିଗୁଡ଼ା ଗୌଡ଼ ସାହିସ୍ଥ ତାଙ୍କ ପୈତୃକ ବାସଭବନରେ ବଡ଼ଭାଇ ଆଡଭୋକେଟ ରାଧାରମଣ ଦାସ,ମଝିଆ ଭାଇ ସାମ୍ବାଦିକ ରାଜିବାଲୋଚନଙ୍କ ସହିତ ସ୍ତ୍ରୀ ପିଲାମାନଙ୍କ ସହ ରହୁଥିଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ପତ୍ନୀ, ପୁଅ,ଝିଅ ,ଦୁଇ ଭାଇ,ଭଉଣୀ ଓ ପରିବାର ବନ୍ଧୁ ବାନ୍ଧବ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେଯତାଙ୍କର ଅନ୍ତିମ ସଂସ୍କାର ପୁରୀର ସ୍ୱର୍ଗ ଦ୍ୱାରରେ ଅପରାହ୍ନରେ ସମ୍ପନ୍ନ କରାଯାଇଥିଲା। ସ୍ୱର୍ଗତ ରାଇକିଶୋର ମୁନିଗୁଡ଼ା ଅଞ୍ଚଳରେ ଜଣେ ପରୋପକାରି,ସାମାଜିକ ମଣିଷ ଥିଲେଯଅନେକ ସାମାଜିକ,ଧାର୍ମିକ ଅନୁଷ୍ଠାନ ସହ ସେ ଜଡିତ ଥିଲେଯତାଙ୍କ ମୃତ୍ୟରେ ମୁନିଗୁଡ଼ାରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକ ସଂତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ପାଣିକୋଇଲି ଥାନାଧିକାରୀଙ୍କୁ ସ୍ୱାଗତ ଓ ଆଇନ ଶୃଂଖଳା ନେଇ ଆଲୋଚନା

*କୋରେଇ, ୨୩।୭ (ଶ୍ରୁମି.) : ପାଣିକୋଇଲି ଥାନାରେ ନୂତନ ଥାନାଧିକାରୀ ଭାବେ ଇନ୍ସପେକ୍ଟର ରଂଜନ କୁମାର ପ୍ରଧାନ ଯୋଗଦେଇଛନ୍ତି । ସେ ଯୋଗଦେବା ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଉଛି । ଆଜି ସରକାରୀ ଓକିଲ ଶରତ କୁମାର ଖଣ୍ଡାଇଙ୍କ ନେତୃତ୍ୱରେ କରଦା ପଂଚାୟତ ଆମ୍ବଗଡିଆ ଗ୍ରାମର ଜଗନ୍ନାଥ ୟୁଥ କ୍ଲବର ସଦସ୍ୟ ରମାକାନ୍ତ, କାହ୍ନୁ, ସ୍ୱରୁପ, ସତ୍ୟବ୍ରତ, ଅରୁପ, ପିତାମ୍ବର, ରିଂଟୁ, ସବୁତ୍ର, ପଙ୍କଜ, ଜୟନ୍ତ ପ୍ରମୁଖ ସ୍ଥାନୀୟ ଅଂଚଳର ଆଇନ ଶୃଂଖଳା ରକ୍ଷା କରିବା ଓ ଜନସାଧାରଣଙ୍କୁ ସଠିକ ନ୍ୟାୟ ସମ୍ପର୍କରେ ଆଲୋଚନା କରିଥିଲେ ।*

# ନୂଆଡିହ ଗାଁ ରାସ୍ତା ଶୋଚନୀୟ

## ଆଣ୍ଠୁଏ କାଦୁଅ ଯୋଗୁଁ ଲୋକେ ହିନସ୍ତା



ତେଲକୋଇ, ୨୩।୭ (ଶ୍ରୁମି.) : - ତେଲକୋଇ ବ୍ଲକ ବିଞ୍ଜାହାଲ ଗ୍ରାମ ପଞ୍ଚାୟତ ର ନୂଆଡିହ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଆଣ୍ଠୁଏ କାଦୁଅ ଯୋଗୁଁ ଶୋଚନୀୟ ହୋଇ ପଡ଼ିଛି । ୪୯ ନମ୍ବର ଜାତୀୟ ରାଜପଥରୁ ସଂଯୋଗ କରୁଥିବା ଏହି ଦେଢ଼ କିମି ରାସ୍ତ ମରାମତି ଅଭାବ ଏବଂ ବ୍ଲକ ପ୍ରଶାସନର ଦୃଷ୍ଟି ପଡୁ ନଥିବା ଯୋଗୁଁ ରାସ୍ତାର ଅବସ୍ଥା ବେହାଲ ହୋଇ ପଡିଥିବା ଲୋକେ ଅଭିଯୋଗ ହୋଇଛି । ଲୋକେ ଚାଲି ଚାଲି ଯିବା ଆସିବା ପାଇଁ ମଧ୍ୟ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବାଇକ୍ ରେ ଯାଉଥିବା ବେଳେ କାଦୁଅ ଯୋଗୁଁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତିଯପ୍ରଶାସନ ଏହାର ତୁରନ୍ତ ପ୍ରତିକାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ଜଣାଇଲେ ୱାର୍ଡ କୋର୍ଡିନେଟର



ଚମ୍ପୁଆ, ୨୩।୭(ସମିସ): ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ କୋର୍ଡିନେଟର ମାନେ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନଙ୍କ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେସ୍ୟରେ ୩ ଦଫା ଦାବି ପ୍ରଦାନ କରିଛନ୍ତି। ଏହି ଦାବି ଗୁଡିକ ମଧ୍ୟରେ ୧. କୋର୍ଡିନେଟର ମାନଙ୍କୁ ବିଧିବଦ୍ଧ ଭାବେ ନିର୍ଦ୍ଧାରିତ କାମରେ ନିୟୋଜିତ କରାଯାଉ, ୨. କୋର୍ଡିନେଟର ମାନଙ୍କ ଦରମା ସଂପର୍କରେ ରହିଥିବା ସମସ୍ୟାକୁ ତୁରନ୍ତ ସମାଧାନ କରି ନିର୍ଦ୍ଧାରିତ ଦରମାକୁ ପ୍ରତି ମାସରେ ପ୍ରଦାନ କରିବା, ୩. ପୂର୍ବରୁ କୋର୍ଡିନେଟର ମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଇଥିବା ବେଳେ କୌଣସି ପାରିଶ୍ରମିକ ପ୍ରଦାନ କରାଯାଇନାହିଁ। ତେଣୁ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ତୁରନ୍ତ ତାଙ୍କୁ ନିଜସ୍ୱ ପାଣ୍ଠିରୁ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ନିଖିଳ ଓଡିଶା ପୌର ୱାର୍ଡ କୋର୍ଡିନେଟର ୟୁନିୟନ ଡାକରାରେ ଏହି ଦାବି ଉପସ୍ଥାପନା କରାଯାଇଥିବା ବେଳେ ପୂର୍ବରୁ ଏ ନେଇ ଦାବି ଉପସ୍ଥାପନ ହୋଇଥିଲେ ହେଁ ଏ ଯାଏଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଅସନ୍ତା ୨୯.୦୭.୨୦୨୪ ରେ ୱାର୍ଡ କୋର୍ଡିନେଟର ସଂଘ ପକ୍ଷରୁ ବିଧାନ ସଭା ଚାଲ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ୧୩ ଗୋଟି ୱାର୍ଡର ୱାର୍ଡ କୋର୍ଡିନେଟର ମାନେ ରଂଜିତା ପ୍ରଧାନ ଓ ଗାୟତ୍ରୀ ମହାନ୍ତଙ୍କ ନେତୃତ୍ୱରେ ଏହି ଦାବି ପତ୍ରକୁ ନିର୍ବାହି ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

# ପୂଜ୍ୟପୂଜା ସେବା ସଂଗଠନର ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୩/୭ (ଶ୍ରୁମି.) : ବଲାଙ୍ଗିର ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନ ଓ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ନିକଟସ୍ଥ କଡେଲ ଗ୍ରାମର ଜୟ ଜଗନ୍ନାଥ ଆଶ୍ରମ ର ମିଳିତ ଉଦ୍ୟମରେ ଜୟ ଜଗନ୍ନାଥ ଆଶ୍ରମରେ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱ ରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଭୟ ସଂଗଠନର କର୍ମକର୍ତ୍ତାମାନେ ୫୦ ଗୋଟି ଆମ୍ବ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବଷ୍ଣୁ ମୋହନ ଦାଶକର୍ମୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ମହତ କାର୍ଯ୍ୟରେ ତାରାଚାନ୍ଦ ସାହୁ, ଡୋଳାମଣି ରଣା, ପୁରୁଷୋତ୍ତମ ମାଝି, କିଶୋର ରଣା, ଗଣ୍ଡାଧର ବରିହା ଓ ଆଲୋକ ରଣା ସହଯୋଗ କରିଥିଲେ । ଶେଷରେ କ୍ଷୀରୋଦ ବିହାରୀ ଦାଶକର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରୁପଦର ସ୍ଥିତ ଗ୍ରାମୀଣ ପାର୍କକୁ ପରିଦର୍ଶନ କଲେ ଜିଲ୍ଲାପାଳ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

ବଲାଂଗୀର ୨୩ ।୭ (ଶ୍ରୁମି.) : ଲୋଇସିଂହା ବ୍ଲକ ଅନ୍ତର୍ଗତ ବ୍ରୁପଦର ସ୍ଥିତ ଗ୍ରାମୀଣ ପାର୍କ କୁ ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ ପଧାନ ଙ୍କ ଉପସ୍ଥିତି ରେ ପରିଦର୍ଶନ ରେ ପହଂଚିଥିଲେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ତାଙ୍କ ସହ ଉପ ଜିଲ୍ଲାପାଳ ପ୍ରସନ୍ନ ପଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ବିଡ଼ିଓ ଶ୍ରୀ ଅକ୍ଷୟପାଣି ଉଦ୍ଧୁ, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ତହସିଲଦାର ସୁଶ୍ରୀ ସଂଘମିତ୍ରା କାଲୋ ଓ ଷ୍ଟାଫ, ଏ. ଇ ସିଦ୍ଧାର୍ଥ ପାଢୀ, କନିଷ୍ଠ ଯନ୍ତ୍ରୀ ଶ୍ରୀଯୁକ୍ତ ମହାରଣା । ପ୍ରଥମେ ସରପଞ୍ଚ ଶ୍ରୀମତୀ ପଧାନ ଅତିଥି ଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ଇସଲୱାର ପାର୍କ କୁ ଦେଖି ଖୁସି ଅନୁଭବ କରିବା ସହ ଆଗାମୀ ଦିନରେ ଆହୁରି କେମିତି ଉତ୍ତର ହେବ ବିଡ଼ିଓ ଶ୍ରୀଯୁକ୍ତ ଉଦ୍ଧୁ ଙ୍କୁ କହିଲେ । ଜିଲ୍ଲାପାଳ ଙ୍କ ପରିଦର୍ଶନ ବେଳେ ପିଇଓ ଶ୍ରୀ ବେହେରା ଓ ସମାଜସେବୀ ଯୁଧିଷ୍ଠିର ପଧାନ ମଧ୍ୟ ଉପସ୍ଥିତ ଥିଲେ ।

# ଲଗାଣ ବର୍ଷାରେ ତାଳଚେରରେ ଜନଜୀବନ ଅସ୍ତବ୍ୟସ୍ତ



ତାଳଚେର, ୨୩/୭(ଶ୍ରୁ.ମି): ଗଭୀର ଅବପାତ ଜନିତ ଲଗାଣ ବର୍ଷା ଯୋଗୁଁ ତାଳଚେରର ଅନେକ ଅଂଚଳରେ ଏକ ରକମ ଜଳମଗ୍ନ ପରିସ୍ଥିତି ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଥିବାର ଦେଖିବାକୁ ମିଳିଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ପାଣିପାଗ ବିଭାଗ ପକ୍ଷରୁ ଅନୁଗୋଳ ଜିଲ୍ଲାକୁ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ପୂର୍ବ ଆକଳନ ଅନୁସାରେ ତାଳଚେରରେ ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ତାଳଚେର ପୌରାଂଚଳ ସମେତ ବିଭିନ୍ନ ପଂଚାୟତର ସାହି ଓ ବସ୍ତି ଅଂଚଳରେ ବର୍ଷା ଜଳ ପଶି ଗରିବ ଲୋକମାନଙ୍କର ସାଇତା ଜିନିଷ ଆଦି ବ୍ୟାପକ କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିଛି। ପ୍ରାପ୍ତ ଖବର ଅନୁସାରେ ବିଭିନ୍ନ ଅଂଚଳରେ ମନ ଇଚ୍ଛା ଜମି ଅବରୋଧ କରାଯିବା ସହ ନାଳ ନର୍ଦ୍ଦମାଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ହେତୁ ତାଳଚେର ଅନେକ ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବାର ଲକ୍ଷ୍ୟ କରାଯାଇବେଳେ ଶର୍ମାଛକ ରେଳବାଇ ଅଣ୍ଡର ପାସ ରାସ୍ତାରେ ମଧ୍ୟ ପାଣି ପ୍ରବାହିତ ହେବାରୁ ତାଳଚେର ସହରକୁ ଯିବାପାଇଁ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ତାଳଚେର ପୌରାଂଚଳର ବିଭିନ୍ନ ୱାର୍ଡ଼ରେ ନାଳ ନର୍ଦ୍ଦମା ଉପରେ ବର୍ଷା ଜଳ ପ୍ରବାହିତ ହୋଇ କ୍ରମେ ତାହା ରାସ୍ତା ଉପରକୁ ମାଡ଼ି ଆସିବାରୁଦୀର୍ଘ ସମୟ ଧରି ଲୋକଙ୍କ ଯାତାୟତରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ସେହିପରି ବିଭିନ୍ନ ପଂଚାୟତ ଅଧିନ ଗ୍ରାମାଂଚଳରେ ଥିବା ଝୁମ୍ପୁଡ଼ି ଘର ଓ ବସ୍ତି ଅଂଚଳ ଘରଗୁଡ଼ିକରେ ବର୍ଷା ଜଳ ପଶି ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଥିବାର ଅଭିଯୋଗ ହୋଇଛି। ନିର୍ବାଚନ ସମୟରେ ତୁହାକୁ ତୁହା ଗସ୍ତ କରି ନେତାମାନେ ଲୋକଙ୍କୁ ଭୋଟ ଦେବା ପାଇଁ ଗୁହାରୀ କରୁଥିବା ବେଳେ ବର୍ତମାନ ବର୍ଷାଜନିତ ସମସ୍ୟା ବେଳେ କାହାର ଜଣେ ବି ଦେଖାନାହିଁ ବୋଲି ଲୋକେ କ୍ଷୋଭର ସହ କହିଛନ୍ତି। ଅପରପକ୍ଷେ ତାଳଚେରରେ ବର୍ଷା ବିପ୍ରାତ ଚାଲିଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ସେତେଟା ତତ୍ପରତା ପ୍ରକାଶ ପାଇନଥିବାର ଲୋକେ ଅଭିଯୋଗ କରିଛନ୍ତି। ବଡ଼ ବର୍ଷା ଆସୁଥିବାର ସୂଚନା ରହିଥିଲେ ସୁଦ୍ଧା ଏନେଇ ସ୍ଥାନୀୟ ପ୍ରଶାସନର କୌଣସି ପୂର୍ବ ପ୍ରସ୍ତୁତି ନଥିବାର ସାଧାରଣରେ ଆଲୋଚନା ହେଉଛି। ସେହିପରି ତାଳଚେର ପୌରାଂଚଳର ବିଭିନ୍ନ ୱାର୍ଡ଼ରେ ମଧ୍ୟ ବର୍ଷା ଯୋଗୁଁ ବେହାଲ ପରିସ୍ଥିତି ସୃଷ୍ଟି ହୋଇଛି। ନାଳ ନର୍ଦ୍ଦମା,ରାସ୍ତାଘାଟ ଆଦି କଦର୍ଯ୍ୟମୟ ସ୍ଥିତିରେ ରହିଥିବା ବେଳେ ଏହାର କୌଣସି ପ୍ରତିକାର କରାଯାଇନାହିଁ। ଅନେକ ସ୍ଥାନରେ ଡ୍ରେନ ଗୁଡ଼ିକ ପୋତି ହୋଇ ଯାଇଥିବା ବେଳେ ବର୍ଷାଜଳ ସେଥିରେ ଯିବା ପରିବର୍ତେ ରାସ୍ତା ଉପରେ ମାଡ଼ି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ତେବେ ପୂର୍ବରୁ ପରିସ୍ଥିତି ଦେଖି ବ୍ୟବସ୍ଥା କରିବା ପରିବର୍ତେ ଏବେ ବର୍ଷା ଜଳ ମାଡ଼ିବାପରେ ବିଭାଗୀୟ କର୍ତୃପକ୍ଷ ଜଳମଗ୍ନ ସ୍ଥାନକୁ ନଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଆହୁରି ମଧ୍ୟ ଅନେକ ସ୍ଥାନରେ ଝୁମ୍ପୁଡ଼ି, ଚାଳଛପର ଘର ଲଗାଣ ବର୍ଷା ଯୋଗୁଁ ପାଣି ପଶି କ୍ଷୟକ୍ଷତି ହୋଇଥିବାର ଖବର ମିଳିଛି। ଫଳରେ ଲୋକେ ଅସହାୟ ଅବସ୍ଥାରେ କାଳ କାଟୁଛନ୍ତି। ଏମାନଙ୍କୁ ଚିହ୍ନଟ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ନିବେଦନ କରାଯାଇଛି। ସେହିପରି ତାଳଚେର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ଗଭୀର ଭାବେ ପ୍ରଭାବିତ ହୋଇଛି। ରାଜପଥର ଅନେକ ସ୍ଥାନରେ ପାଣି ଜମି ରହିଥିବାରୁ ଖାଲଢ଼ିପ ସବୁ ସମାନ ହୋଇ ଯାତାୟତ ପାଇଁ ଅନୁପୋଯୋଗୀ ହୋଇପଡ଼ିଛି। ଯଦି ବର୍ଷା ଏଭଳି ଲାଗି ରହେ ତେବେ ସ୍ଥାନୀୟ ଜନସଧାରଣ ଆହୁରି ଦୁର୍ଦ୍ଦଶା ଭୋଗିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ପୁନର୍ବାସ ଦ୍ୱାରା ପୁସ୍ତକ ପାଠକାର୍ପଣ, ୱେବ ସାଇଟ୍ ଉନ୍ମୋଚନ ଓ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୩।୭ (ଶ୍ରୁମି.) : ପୁନର୍ବାସ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ 'ଦି ଡେଷ୍ଟିନେସନ'୍ ପରିସରରେ ବିଶିଷ୍ଟ କଥାକାର ଡ. ବିରଜା ରାଉତରାୟଙ୍କ ପରିବର୍ଦ୍ଧିତ ପୁସ୍ତକ, ଭିନ୍ନକ୍ଷମ ପୂର୍ଣ୍ଣ ଥଇଥାନ ଅଧିନିୟମ-୨୦୧୬ (ସଂକ୍ଷିପ୍ତ ସାର)କୁ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠକାର୍ପଣ କରିଥିଲେ। ଏହାକୁ ବରଷ୍ଠ ସାମ୍ବାଦିକ ମାତୃଦତ୍ତ ମହାନ୍ତି ସଂଯୋଜନା କରିଥିଲେ। ପୁନର୍ବାସର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧାପକ ନନ୍ଦ କିଶୋର ପରିଡା, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧି କାରିଣୀ ରୂପାଲି ପ୍ରିୟଦର୍ଶିନୀ ନାୟକ, ପ୍ରାକ୍ତନ୍ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମ୍ମିଳିତ ଭାବେ ଆଗେଇ ଆସିବାକୁ ଅନୁରୋଧ କରିବା ସହ ଏ କ୍ଷେତ୍ରରେ ପୁନର୍ବାସ ଯଥେଷ୍ଟ ଆଗକୁ ଯାଇଥିବାରୁ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁନର୍ବାସ ପକ୍ଷରୁ ରଚିତା ଜେନା, ଗୁଞ୍ଜନ ସ୍ମିତା ବେହେରା ଅତିଥି ମାନଙ୍କୁ ସବୁଜ ଭେଟି ପ୍ରଦାନ କରିଥିଲେ। ପରେ ପରେ ଅତିଥିମାନେ ନ୍ତପୁନର୍ବାସ ସମାଚାର' ସ୍ୱତନ୍ତ୍ର କଳେବରରେ ରଙ୍ଗୀନ୍‌ଯିତ ସମ୍ବାଦପତ୍ରର ପାଠକାର୍ପଣ କରିଥିଲେ। ପରେ ପରେ ଚଳତ୍‌ଶକ୍ତି ବାଧିତ ପାରା ଜାତୀୟ ସନ୍ତରଣକାରୀ ମୋନାଲି ସ୍ୱାଇଁ ଓ ମେଧାବୀ ଛାତ୍ର ଦିପକ କୁମାର ଜେନାଙ୍କୁ ପୁନର୍ବାସ ପକ୍ଷରୁ ଉପଢୌକନ, ଟ୍ରଫି, ଫୁଲ ଗଛ ଓ ପୁନର୍ବାସ ସମାଚାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।